بسم الله الرحمن الرحيم

**୨୭ ଅଗଷ୍ଟ ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶନକାରୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ ହଜରତ ଉମର ବିନ୍ ଖତାବ୍ ର.ଅଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱହ୍ଦହୁ ଲାଶରିକା ଲହୁ ୱଅଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ୱରସୁଲୁହୁ ଅମ୍ମା ବାଦ୍ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍ରଜିମ୍ । ବିସ୍ମିଲ୍ଲା ହିର୍ ରହେମା ନିର୍ରହିମ୍ । ଅଲ୍ହମ୍ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍ରହମା ନିର୍ରହିମ୍ । ମାଲିକି ୟୋମିଦ୍ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍ଅମ୍ତା ଅଲୈହିମ୍ ଗୈରିଲ୍ ମଗ୍ଯୁବି ଆଲୈହିମ୍ ୱଲଜ୍ଵାଲ୍ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱର ଅ.ବ କହିଲେ ହଜରତ ଉମର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ଆପଣଙ୍କ ଖିଲାଫତ୍ କାଳରେ ଏକ ଯୁଦ୍ଧ ହୋଇଥିଲା, ଯାହାକୁ ରୈ' ଯୁଦ୍ଧ କୁହାଯାଏ । ରୈ' ନିଶାପୁର ଠାରୁ ୪୮୦ମିଲ୍ ଦୂରରେ ଅବସ୍ଥିତ ଏକ ସ୍ଥାନ । ରୈ'ର ଅଧିବାସୀଙ୍କୁ ରାଜୀ କୁହନ୍ତି ଏବଂ ସୁପ୍ରସିଦ୍ଧ ବ୍ୟାଖ୍ୟାକାର ହଜରତ ଇମାମ ଫଖରୁଦ୍ଦିନ୍ ରାଜି ରୈ'ର ହିଁ ଅଧିବାସୀ ଥିଲେ । ରୈ'ର ହାକିମ ସୟାହୋ ଖଶ୍ ବିନ୍ ମେହରାନ ବିନ୍ ବୈହରାମ ଥିଲେ । ସେ ଦନବାଓନ୍ଦ, ତିବରୀସ୍ତାନ, କୌମେସ୍ ଓ ଜରଜାନ୍ବାସୀଙ୍କୁ ନିଜ ସାହାଯ୍ୟ ନିମନ୍ତେ ପ୍ରସ୍ତୁତ କଲେ । ମୁସଲମାନ ସେନା ରୈ' ମାର୍ଗରେ ହିଁ ଆଗକୁ ବଢୁଥିଲେ, ଯେ ଇରାନୀ ସରଦାର ଅବଦୁଲ୍ ଫରଖାନ୍ ଜୈନବୀ ସନ୍ଧି ସ୍ଥାପନ କରି ମୁସଲମାନମାନଙ୍କ ସହିତ ମିଶିଗଲେ । ଜୈନବୀ ହଜରତ ନଈମ୍ ବିନ୍ ମକରନ୍ଙ୍କୁ କହିଲେ ଆପଣ ମୋ ସାଥିରେ କିଛି ଅଶ୍ୱାରୋହୀ ପ୍ରେରଣ କରି ଦିଅନ୍ତୁ । ମୁଁ ସେମାନଙ୍କୁ ଏକ ଗୁପ୍ତ ରାସ୍ତାରେ ନେଇ ରୈ' ସହରରେ ପ୍ରବେଶ କରିବି । ଅତଏବ ଜୈନବୀଙ୍କ ସାହାଯ୍ୟକ୍ରମେ ମୁସଲମାନମାନେ ସହରରେ ପ୍ରବେଶ କରିଗଲେ ଏବଂ ଏପରି ସହରକୁ ନିଜ ଅଧିନ କରିନେଲେ । ସେଥିଅନ୍ତେ ସହରବାସୀଙ୍କୁ ଲିଖିତ ଆକାରରେ ସୁରକ୍ଷା ପ୍ରଦାନ କରାଗଲା ।

୨୨ ହିଜରୀରେ କୌମେସ୍ ଓ ଜରଜାନ୍କୁ ମୁସଲମାନମାନେ ଜୟ କରିନେଲେ । ପୁନଶ୍ଚ ସେହି ବର୍ଷ ଆଯର୍ବାଇଜାନ୍ ମଧ୍ୟ ମୁସଲମାନମାନଙ୍କ ଅଧିନକୁ ଆସି ଯାଇଥିଲା । ହ. ଉମର ର.ଅ ଆଯର୍ବାଇଜାନ୍ ଅଭିଯାନରେ ଇସଲାମୀୟ ଧ୍ୱଜା ଉତ୍ତବା ବିନ୍ ଫରକଦ୍ ଓ ବକିର ବିନ୍ ଅବଦୁଲ୍ଲାଃଙ୍କୁ ପ୍ରଦାନ କରିଥିଲେ । ଆପଣଙ୍କ ନିର୍ଦ୍ଦେଶକ୍ରମେ ଉଭୟ ସାହାବୀ ଦୁଇଟି ଭିନ୍ନ ଭିନ୍ନ ଦିଗରୁ ଉକ୍ତ ସହର ଉପରେ ଆକ୍ରମଣ କରିଥିଲେ । ବକିର୍ଙ୍କୁ ରୁସ୍ତମର ଭାଇ ଅସଫନ୍ଦୟାଜ୍ ବିନ୍ ଫରଖଯାଦ୍ ଭେଟି ଥିଲା, ଉଭୟଙ୍କ ମଧ୍ୟରେ ମୁକାବିଲା ହେଲା ଏବଂ ଅସଫନ୍ଦୟାଜ୍ ପରାସ୍ତ ହୋଇ ବନ୍ଦୀ ହୋଇଥିଲା । ଯଦ୍ଦ୍ୱାରା ସେ ବକିର୍ଙ୍କ ସହିତ ସନ୍ଧି କରିନେଲା ଏବଂ ସେ ବକିର୍ଙ୍କ ପ୍ରତିନିଧି ହୋଇ ବିରୋଧିଙ୍କ ବିପକ୍ଷରେ ମୁସଲମାନମାନଙ୍କ ସାହାଯ୍ୟ କରିଥିଲା । ଏପରି ଧିରେ ଧିରେ ଆଖପାଖର ସମସ୍ତ ଅଂଚଳକୁ ବକିର୍ ଅଧିକୃତ କରିନେଇଥିଲେ । ଅପର ପାର୍ଶ୍ୱରେ ଉତ୍ତବା ବିନ୍ ଫରକଦ୍ ମଧ୍ୟ ବିଜୟର ବାନା ଉଡ଼ାଇ ଥିଲେ । ବିଜୟର ଏହି କ୍ରମାନ୍ୱୟତା ଅନ୍ତେ ଅମିରୁଲ୍ ମୁମିନିନ୍ ହଜରତ ଉମର ବିନ୍ ଖତାବ୍ ର.ଅଙ୍କ ଆମିଲ୍ ଅର୍ଥାତ ଉତ୍ତବା ବିନ୍ ଫରକଦ୍ଙ୍କ ତରଫରୁ ଆଯର୍ବାଇଜାନ୍ ନିବାସୀଙ୍କ ପାଇଁ ସନ୍ଧି ପତ୍ର ଲେଖି ଦିଆଯାଇଥିଲା ।

ଆଯର୍ବାଇଜାନ୍ ବିଜୟ ପରେ ବକିର ବିନ୍ ଅବଦୁଲ୍ଲାଃ ଆରମେନିଆ ଅଭିମୁଖେ ଅଗ୍ରସର ହୋଇଥିଲେ । ହ.ଉମର ର.ଅ ବକିରଙ୍କ ସାହାଯ୍ୟ ପାଇଁ ସୁରାକା ବିନ୍ ମାଲିକଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ

କରିଦେଇଥିଲେ । ଆପଣ ସମଗ୍ର ମୁସଲମାନ ସେନାର ଅଧକ୍ଷତା ସୁରାକା ବିନ୍ ମାଲିକଙ୍କୁ ପ୍ରଦାନ କରିଥିଲେ । ମୁସଲମାନଙ୍କ ହାବଭାବ ଓ ଦୃଢ ମନୋବଳ ଦେଖି ବରାଜ୍ ସହରର ଇରାନୀ ହାକିମ ସୁରାକା ବିନ୍ ମାଲିକଙ୍କୁ କର ଦେବା ପରିବର୍ତ୍ତେ ମୁସଲମାନମାନଙ୍କୁ ନିଜ ସେନା ସହାଯ୍ୟ ପ୍ରଦାନ କରିବା ସର୍ତ୍ତରେ ସନ୍ଧି କରିନେଲେ । ଏପରି ବିନା ଯୁଦ୍ଧରେ ମୁସଲମାନମାନେ ଆରମେନିଆ ସହର ଅଧିକାର କରି ନେଇଥିଲେ । ହ.ଉମର ର.ଅ ଏହି ସନ୍ଧିରେ ବେଶ୍ ପ୍ରସନ୍ନିତ ହୋଇଥିଲେ । ଏଥିଅନ୍ତେ ସୁରାକା ବିନ୍ ମାଲିକ ଆରମେନିଆ ଆଖପାଖରେ ଥିବା ପାର୍ବତ୍ୟାଂଚଳକୁ ସେନା ପ୍ରେରଣ କରିଥିଲେ, ଯାହାଙ୍କୁ ସେହି ଅଂଚଳମାନଙ୍କରେ ସଫଳତା ପ୍ରାପ୍ତ ହୋଇଥିଲା ।

୨୨ ହିଜରୀରେ ମୁସଲମାନମାନେ ଖରାସ୍ତାନକୁ ମଧ୍ୟ ଜୟ କରି ନେଇଥିଲେ । ଜଲୁଲା ଯୁଦ୍ଧ ପରେ ଇରାନୀ ସମ୍ରାଟ ୟଜଦ୍ୟର୍ଦ କରମାନ, ଖରାସ୍ତାନ ଓ ମରୌ ଆଦି ଗୋଟିକ ପରେ ଗୋଟିଏ ସ୍ଥାନରେ ଅବସ୍ଥାନ କରିଥିଲେ । ସେଠାରେ ସେ ଆଖପାଖ ଅଂଚଳ ଅର୍ଥାତ ଅଣଆରବୀୟ ଓ ପାରସ୍ୟ ତଥା ହର୍ମଜାନ୍ ଅଧିବାସୀଙ୍କ ସହିତ ସମ୍ପର୍କ ସୁଦୃଢ କରି ସେମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରବର୍ତ୍ତାଇ ମୁସଲମାନମାନଙ୍କ ବିଜୀତ ଅଂଚଳରେ ବିଦ୍ରୋହ ସୃଷ୍ଟି କରିଥିଲା । ଏପରି ଉତ୍କଟ ପରିସ୍ଥିତିର ମୁକାବିଲା କରିବା ପାଇଁ ହ.ଉମର ର.ଅ ମୁସଲମାନ ସେନାକୁ ଇରାନ ଅଂଳରେ ଆଗକୁ ଅଗ୍ରସର ହେବାକୁ ଅନୁମତି ପ୍ରଦାନ କରିଦେଲେ । ଆପଣଙ୍କ ଅନୁମତି ପ୍ରାପ୍ତ କରିବାର ବିଳମ୍ବ ଥିଲା କି ବସରାବାସୀ ଓ କୁଫାବାସୀ ନିଜ ପରାକ୍ରମ ପ୍ରଦର୍ଶନ କରି ଇରାନ ସମ୍ରାଟ ୟଜଦ୍ୟର୍ଦଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ବିବଶ କରିଦେଲେ । ଯଦ୍ୱାରା ୟଜଦ୍ୟର୍ଦ ମରୁରୋଜ୍, ବଲଖ୍ ଆଦି ଅଂଚଳ ଅତିକ୍ରମ କରି ଶେଷରେ ଦରିଆ ପାରି ହେବା ପାଇଁ ବାଧ୍ୟ ହୋଇଥିଲା । ଏହି ନୂତନ ପରିସ୍ଥିତିରେ ନିଶାପୁର ଠାରୁ ତଖାରିସ୍ତାନ ପର୍ଯ୍ୟନ୍ତ ଅଂଚଳର ଅଧିବାସୀମାନେ ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ କରିନେଇଥିଲେ । ଯେତେବେଳେ ହ.ଉମର ର.ଅଙ୍କୁ ଖରାସ୍ତାନ ବିଜୟର ସୁସମାଚାର ମିଳିଲା ସେତେବେଳେ ଆପଣ ନିଜ ଅଭିଳାଷ ପ୍ରକାଶ କରିଥିଲେ ଯେ ମୁଁ ତ ଚାହୁଁଛି, ଏ ଇରାନୀମାନଙ୍କ ବିରୁଦ୍ଧରେ କୌଣସି ପ୍ରକାରର ସୈନ୍ୟ ଚାଳନା ନକରନ୍ତି ଏବଂ ତାଙ୍କ ଓ ଆମ ମଧ୍ୟରେ ଏକ ଅଗ୍ନିର ସମୁଦ୍ର ଦଣ୍ଡାୟମାନ ହୋଇଯାନ୍ତା କି । କିନ୍ତୁ ସେମାନଙ୍କ ଦୁର୍ଭାଗ୍ୟ ଯେ ସେମାନେ ନିଜ ବିଦ୍ରୋରୁ ଓହରିଯାଉ ନାହାନ୍ତି । ସୁତରାଂ ଆପଣ ଅହନଫ୍ ବିନ୍ କୈଶ୍‌ଙ୍କୁ ଦରିଆ ପାରି କରି ଆଗକୁ ବଢିବାକୁ ମନା କରିଦେଲେ । ୟଜଦ୍ୟର୍ଦ ବିଭିନ୍ନ ସହର ବୁଲିବୁଲି ଶେଷରେ ହ.ଉସମାନ ର.ଅଙ୍କ ଖିଲାଫତ୍ କାଳରେ ନିହତ ହୋଇଥିଲା ।

ଅହନଫ୍ ବିନ୍ କୈଶ୍‌ଙ୍କ ନେତୃତ୍ୱରେ ପ୍ରାପ୍ତ ହୋଇଥିବା ମାଲେ ଗନିମତ୍ (ବିଜିତ ଧନରତ୍ନ) ପ୍ରସଙ୍ଗରେ ହ.ଉମର ର.ଅ ଦରଦଭରା ଭାଷଣ ଦେଲେ । ଯେଉଁଥିରେ ଅଲ୍ଲାଃତାଲାଙ୍କ ଆଦେଶର ଉପେକ୍ଷା କରିବାର କୁପରିଣାମ ସମ୍ପର୍କରେ ସତର୍କ କରାଇ କହିଲେ; **ମୋତେ ଏହି ଭୟ ନାହିଁ ଯେ ଶତ୍ରୁ ମୁସଲମାନ ସମ୍ପ୍ରଦାୟକୁ ଧ୍ୱଂସ କରିଦେବ ବରଂ ମୋତେ ତ ନିଜ ମୁସଲମାନ ଭାଇମାନଙ୍କ ଉପରେ ସନ୍ଦେହ ହେଉଛି ଯେ ଏହିମାନେ ହିଁ ଇସଲାମକୁ ଧ୍ୱଂସାଭିମୁଖ ଗର୍ତ ଆଡ଼କୁ ଟାଣି ନନିଅନ୍ତୁ** । ହଜୁର ଅନଓ୍ୱର ଅ.ବ କହିଲେ ଆଜି ଆମେ ଏହି କଥା ବାସ୍ତବରେ ପରିଣତ ହେଉଥିବାର ଦେଖୁଅଛେ । ଆଜି ଜଣେ ମୁସଲମାନ ହିଁ ଆଉ ଜଣେ ମୁସଲମାନର ଗଳା କାଟୁଛି । ଗୋଟିଏ ମୁସଲମାନ ଦେଶ ଜେହାଦର ନାମ ନେଇ ଅନ୍ୟ ଏକ ମୁସଲମାନ ରାଷ୍ଟ୍ର ଉପରେ ଆକ୍ରମଣ କରୁଛି ।

ଇସ୍ତଖର୍ ଯାହାକି ଇରାନର ରାଜଧାନୀ ଓ ସାସାନୀ ସମ୍ରାଟମାନଙ୍କ ପବିତ୍ର ସହର ଥିଲା । ସେହି ସହର ଆଡ଼କୁ ହ. ଉସମାନ ବିନ୍ ଅବଦୁଲ୍ ଆସ୍ ଅଗ୍ରସର ହୋଇଥିଲେ । ସେଠାରେ ଶତ୍ରୁ ସହିତ ଘମାଘୋଟ ସଂଘର୍ଷ ପରେ ମୁସଲମାନମାନଙ୍କୁ ବିଜୟ ଲାଭ ହୋଇଥିଲା । ସେଥିଅନ୍ତେ ହ. ଉସମାନ ବିନ୍ ଅବଦୁଲ୍ ଆସ୍ ମାଲେ ଗନିମତ୍ ଜମା କରି ତାହାର ଏକ ପଂଚମାଂଶ ହ.ଉମର ର.ଅଙ୍କ ନିକଟକୁ ପ୍ରେରଣ କରିଦେଇଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ଇସ୍ତଖର୍ ଅଂଚଳକୁ ହ.ଅଲ୍ଲାମା ବିନ୍ ହଜରମୀ ୧୭ ହିଜରୀରେ ଜୟ କରିଥିଲେ ।

ହ.ସାରିୟା ବିନ୍ ଜୈନମ୍‌ଙ୍କୁ ହ.ଉମର ର.ଅ ଫସା ଓ ଦାରେଅବଜର୍ଦ ଆଡ଼କୁ ପ୍ରେରଣ କରିଥିଲେ । ହ.ଉମର ର.ଅଙ୍କ ସୁପୁତ୍ର ବର୍ଣ୍ଣନା କରନ୍ତି ଏକଦା ମୋ ପିତା ଜୁମା ଖୁତବା ଦେବା ସମୟରେ ହଠାତ୍ ଉଚ୍ଚ ସ୍ୱରରେ କହିଉଠିଲେ ୟା ସାରିୟାତୁଲ୍ ଜବଲ୍ ଅର୍ଥାତ ହେ ସାରିୟା ପର୍ବତ ଆଡ଼କୁ ଘୁଂଚିଯାଅ । ହ.ମୁସଲେହ ମଉଦ ର.ଅ ଏହି ଘଟଣା ଚର୍ଚ୍ଚା କରି କୁହନ୍ତି ଯେହେତୁ ଏହି ପଦଟି ଅର୍ଥାତ ୟା ସାରିୟାତୁଲ୍ ଜବଲ୍ ଖୁତବାର ବିଷୟବସ୍ତୁରୁ ଭିନ୍ନ ପ୍ରସଙ୍ଗ ଥିଲା । ସୁତରାଂ ଲୋକମାନେ ଆପଣଙ୍କୁ ଏହି ପ୍ରସଙ୍ଗରେ ପ୍ରଶ୍ନ କଲେ । ଏଥିରେ ଆପଣ ଉତ୍ତର ଦେଲେ ମୁଁ ସେତେବେଳେ ଇସଲାମୀୟ ସେନାପତି ହ.ସାରିୟାଙ୍କୁ ଦେଖିଲି, ଯେ ଶତ୍ରୁ ତାଙ୍କ ଉପରେ ଆକ୍ରମଣ କରିବାକୁ ବଢିଆସୁଛି ଏବଂ ସେହି ଆକ୍ରମଣ ଦ୍ୱାରା ଇସଲାମୀୟ ସେନାର ପରାସ୍ତ ହେବା ସୁନିଶ୍ଚିତ ଥିଲା । ତେଣୁ ମୁଁ ତାଙ୍କୁ ଉଚ୍ଚ ସ୍ୱରରେ କହିଲି; ହେ ସାରିୟା ପର୍ବତ ଆଡ଼କୁ ଘୁଂଚିଯାଅ । ଏହି ଘଟଣାକୁ ଅଧିକ ଦିନ ଅତିବାହିତ ହୋଇ ନଥିଲା ଯେ ସାରିୟାଙ୍କ ନିକଟରୁ ପତ୍ର ଆଗତ ହେଲା । ହ.ମୁସଲେହ ମଉଦ ର.ଅ କୁହନ୍ତି, ହ.ଉମର ର.ଅଙ୍କ କଣ୍ଠ ସେତେବେଳେ ତାଙ୍କ ଅଖତିଆରରେ ନଥିଲା ବରଂ ସେହି ପରାକ୍ରମି ଅସ୍ତିତ୍ୱଙ୍କ ଅଧିନରେ ଥିଲା ଯାହାଙ୍କ ନିକଟରେ ଦୂରତା କୌଣସି ମୂଲ୍ୟ ରଖେ ନାହିଁ । ହ. ମସିହ ମଉଦ ଅ.ସ କୁହନ୍ତି, ଏହି ଆପତ୍ତି କରିବା ଯେ ସାହାବାମାନଙ୍କୁ ଦୈବିବାଣୀ ହେଉ ନଥିଲା, ଏହି ଘଟଣାରୁ ଭିତ୍ତିହିନ ଓ ଭୁଲ୍ ସାବ୍ୟସ୍ତ ହେଉଛି । ହ.ଉମର ର.ଅଙ୍କୁ ସାରିୟାଙ୍କ ସେନାଦଳ ଭସ୍ମିଭୂତ ହେବା ମୁହାଣରେ ପହଂଚିବାର ଖବର ମିଳିବା, ଐଶୀବାଣୀ ଦ୍ୱାରା ନଥିଲା ତ ଆଉ କ'ଣ ଥିଲା ।

୨୩ ହିଜରୀରେ ହ. ସୋହେଲ୍ ବିନ୍ ଅଦିଙ୍କ ହସ୍ତରେ କିରମାନ ବିଜୟ ହୋଇଥିଲା । ସେହି ବର୍ଷ ସୁବହସ୍ତାନ ଯାହାକି ଖରାସ୍ତାନ ତୁଳନାରେ ବିସ୍ତୃତ ଅଂଚଳ ଥିଲା, ମୁସଲମାନମାନଙ୍କ ହାତ ମୁଠାକୁ ଆସିଗଲା । ପ୍ରସିଦ୍ଧ ଇରାନୀ ମଲ୍ଲ ରୁସ୍ତମ ଏହି ଅଂଚଳର ଅଧିବାସୀ ଥିଲା । ମକ୍ରାନକୁ ମଧ୍ୟ ମୁସଲମାନମାନେ ୨୩ ହିଜରୀରେ ବିଜୟ କରିନେଇଥିଲେ । ସେଠାରେ ମୁସଲମାନମାନେ ସିନ୍ଧିର ସମ୍ରାଟ ବିପକ୍ଷରେ ଏକତ୍ରିତ ହୋଇ ଯୁଦ୍ଧ ଲଢ଼ିଥିଲେ ଏବଂ ତାଙ୍କୁ ପରାସ୍ତ କରିଥିଲେ । ହଜୁର ଅନଓ୍ୱର ଅ.ବ କହିଲେ ହ.ଉମର ର.ଅଙ୍କ ଖିଲାଫତ୍ କାଳର ବିଜୟ ଗାଥା ମକ୍ରାନ ପର୍ଯ୍ୟନ୍ତ ବର୍ଦ୍ଧିତ ରହିଥିଲା । ଇତିହାସବିତ୍ ବିଲାଦରୀଙ୍କ କହିବାନୁଯାୟୀ ଫାରୁକି ଖିଲାଫତ୍ କାଳରେ ଦେବଲ୍‌ର ନଶିବୀ ଅଂଚଳ ଓ ଥାନା ପର୍ଯ୍ୟନ୍ତ ମୁସଲମାନ ସେନା ପହଂଚି ଯାଇଥିଲା । ଯଦି ଏହା ସଠିକ୍ ତେବେ ହ.ଉମର ର.ଅଙ୍କ ଖିଲାଫତ୍ କାଳରେ ଇସଲାମୀୟ ସେନାର ପାଦ ସିନ୍ଧ୍ ଓ ହିନ୍ଦ୍ ପର୍ଯ୍ୟନ୍ତ ପହଂଚି ଯାଇଥିଲା ।

ହ.ଉମର ର.ଅଙ୍କ ଖିଲାଫତ୍ କାଳର ଅନ୍ୟ ଘଟଣାମାନ ଆସନ୍ତାରେ ଚର୍ଚ୍ଚା କରିବି । ବର୍ତ୍ତମାନ ମୁଁ ଏକ ତୁର୍କି ଇଣ୍ଟରନେଟ୍ ରେଡ଼ିଓର ସୁଭାରମ୍ଭ ହେବାର ଘୋଷଣା କରୁଛି । ଏହି ରେଡ଼ିଓ ମାଧ୍ୟମରେ ସମଗ୍ର ପୃଥିବୀର ୨୦ରୁ ଉର୍ଦ୍ଧ୍ୱ ଦେଶ ଉପକୃତ ହେବେ । ଏହି ରେଡ଼ିଓକୁ ତବଲିଗ୍ ବିଭାଗ ପ୍ରସ୍ତୁତ କରିବାର ସୌଭାଗ୍ୟ ଅର୍ଜନ କରିଛି । ହଜୁର ଅନଓ୍ୱର ଅ.ବ ଦୁଆ କଲେ ଅଲ୍ଲାଃତାଲା ଜର୍ମାନୀ ତବଲିଗ୍ ବିଭାଗର ଏହି ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରନ୍ତୁ ଏବଂ ଏହି ନୂତନ ଇଣ୍ଟରନେଟ୍ ରେଡ଼ିଓକୁ ପ୍ରତ୍ୟେକ ଦିଗରୁ ସଫଳ କରାନ୍ତୁ ।

ଖୁତବାର ଶେଷ ପର୍ଯ୍ୟାୟରେ ହଜୁର ଅନଓ୍ୱର ଅ.ବ କେତେକ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କରିବା ସହିତ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଏଲାନ କଲେ । ପ୍ରଥମ ଜନାଯାଃ ଶ୍ରୀମାନ ସୟଦ ତାଲିଆ ଅହମଦ ସାହେବ ଯାହାଙ୍କ ମରଶରୀର ସେଠାରେ ପହଂଚି ନଥିଲା । ହଜୁର ଅନଓ୍ୱର ଅ.ବ କହିଲେ ତାଙ୍କ ମରଶରୀର ଆସିବା ପରେ ଇନ୍‌ଶା ଅଲ୍ଲାଃ ତାଙ୍କ ଚର୍ଚ୍ଚା ହେବ ।

ସେଥିଅନ୍ତେ ହଜୁର ଅନଓ୍ୱର ଅ.ବ ମସଜିଦ୍ ଅକ୍ସା ଓ ମସଜିଦ୍ ମୁବାରକ୍‌ର ପୂର୍ବତନ ସେବକ ଶ୍ରୀମାନ ମହମୁଦ୍ ଅହମଦ ସାହେବଙ୍କର ଚର୍ଚ୍ଚା କଲେ । ଯେ ୭୪ବର୍ଷ ବୟସରେ ଦେହ ତ୍ୟାଗ କଲେ ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ । ମୃତକ ମଖଦୁମ୍ ହୁସେନ୍ ସାହେବ ବଲଗାମ୍ ନିବାସୀଙ୍କ ସୁପୁତ୍ର ଥିଲେ ଯେ ସୁଦୂର କର୍ଣ୍ଣାଟକ ରାଜ୍ୟରୁ

ପ୍ରବାସ କରି କାଦିୟାନ୍‌ରେ ଅବସ୍ଥାନ କରିଥିଲେ । ସେ ଦୀର୍ଘ ୨୮ବର୍ଷ ପର୍ଯ୍ୟନ୍ତ ମସଜିଦ୍ ଅକ୍ସା ଓ ମସଜିଦ୍ ମୁବାରକ୍‌ରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମୃତକ ଜଣେ ମୁସୀ ଥିଲେ ଏବଂ ସେ ନମାଜ ରୋଜା ଆଦି ସମ୍ପାଦନ କରିବା ପ୍ରତି ବିଶେଷ ଗୁରୁତ୍ୱ ଦେଉଥିଲେ, ଜଣେ ତହଜ୍ଜୁଦ୍ ପାଠକାରୀ ଓ ଦୁଆକାରୀ ମଣିଷଟିଏ ଥିଲେ । ମସଜିଦ୍ ସହିତ ତାଙ୍କର ବିଶେଷ ଘନିଷ୍ଠତା ଥିଲା । ସେ ନିଜ ପଛରେ ପତ୍ନୀଙ୍କ ବ୍ୟତୀତ ଦୁଇ ଜଣ ପୁତ୍ର ଓ ଜଣେ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି ।

ପରବର୍ତ୍ତୀ ଜନାଯାଃ ଶ୍ରୀମତୀ ସୌଦା ସାହେବା ପତ୍ନୀ ଶ୍ରୀମାନ ଅବଦ୍ଦୁର ରହେମାନ ସାହେବ କେରଳ ନିବାସୀଙ୍କର ଅଟେ । ଯେ ଗତ ମାସ ଅର୍ଥାତ ଜୁଲାଇ ୨୨ ତାରିଖରେ ଇହଧାମ ତ୍ୟାଗ କରିଥିଲେ । ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ । ସେ ଶ୍ରୀମାନ ଶମ୍‌ଶୁଦ୍ଦିନ୍ ସାହେବ ମାଲାବାରୀ, ମୁବଲିଗ୍ ସିଲସିଲା କବାବିରଙ୍କ ମାତାଶ୍ରୀ ଥିଲେ । ଶମ୍‌ଶୁଦ୍ଦିନ୍ ସାହେବ କୁହନ୍ତି ମୋ ମାତା ମୃତକ ଶ୍ରୀମାନ ଭି.ଟି ମହମ୍ମଦ ସାହେବଙ୍କ ସୁପୁତ୍ରି ଥିଲେ, ଯେ ଜିଲ୍ଲା ପାଲଘାଟ ଓ ଆଖପାଖ ଅଂଚଳର ସର୍ବପ୍ରଥମ ଅହେମଦି ଥିଲେ । ସେ ୧୯୩୭ ମସିହାରେ ବୈଅତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଶତ୍ରୁମାନଙ୍କ ଭୀଷଣ ଅତ୍ୟାଚାର ଓ ନିର୍ଯ୍ୟାତନାର କଷ୍ଟ ସହ୍ୟ କରିଥିଲେ । ଏହି ବାଛନ୍ଦ ସମୟରେ ହିଁ ମୋ ନାନି ଓ ଜ୍ୟୈଷ୍ଠ ଖାଲାଙ୍କର ଦେହାନ୍ତ ଘଟିଥିଲା । ସେତେବେଳେ ମୋ ମାତାଙ୍କ ବୟସ ମାତ୍ର ଦେଢ଼ ବର୍ଷ ଥିଲା । ଶତ୍ରୁମାନେ ମୋ ନାନୀଙ୍କ ଅନ୍ତ୍ୟୋଷ୍ଟିକ୍ରିୟା ତାଙ୍କ ଭିଟା ମାଟିରେ କରିବାକୁ ଦେଲେ ନାହିଁ । ଯଦ୍ୱାରା ତାଙ୍କୁ ୪୦କି.ମି ଦୂରକୁ ନେଇ ଏକ ସହରର ସାଧାରଣ କବରସ୍ତାନରେ ସମାଧି ଦିଆଯାଇଥିଲା । ସେଥିଅନ୍ତେ ମୋ ନନା ନିଜ କୁନି ଝିଅକୁ ସାଥିରେ ଧରି ସେହି ଅଂଚଳରୁ ପ୍ରବାସ କରିଗଲେ । ଏପରି ମୋ ମାତା ବାଲ୍ୟକାଳରୁ ହିଁ ବିଭିନ୍ନ ପରୀକ୍ଷା ଦେଇ ଗତି କରିଥିଲେ । ମୋ ମାତା ନିୟମିତ ଭାବରେ ନମାଜ, ରୋଜା ପାଠକାରୀ ତଥା ଜଣେ ମୁସୀ ମହିଳା ଥିଲେ । ମାନବ ସେବା ଓ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ତାଙ୍କ ଅନ୍ତରରେ ଭରି ରହିଥିଲା । ସମସ୍ତ ବିପତ୍ତିଗ୍ରସ୍ତ ବ୍ୟକ୍ତି ପାଇଁ ଦୁଆ କରିବା, ଯଦି ନିକଟରେ ଥାନ୍ତି ତେବେ ତାଙ୍କର ସାହାଯ୍ୟ କରିବା ତାଙ୍କର ଅଭ୍ୟାସ ଥିଲା । ସେ ନିଜ ପଛରେ ସ୍ୱାମୀଙ୍କ ବ୍ୟତୀତ ଚାରି ପୁତ୍ର ଓ ଦୁଇ ଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ତାଙ୍କ ନାତି ମଧ୍ୟ ଉତ୍ସର୍ଗୀ ଅଟନ୍ତି । ଗୋଟିଏ ପୁତ୍ର ମୁବଲିଗ୍ ଅଛନ୍ତି ଯେ ଦେଶ ବାହାରେ ସେବା ସମ୍ପାଦନ କରୁଥିବା ଯୋଗୁଁ ତାଙ୍କ ଅନ୍ତ୍ୟୋଷ୍ଟିକ୍ରିୟାରେ ସାମିଲ ହୋଇପାରିଲେ ନାହିଁ । ଅଲ୍ଲାଃତାଲା ମୃତକାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ ।

ଏତତ୍ ବ୍ୟତୀତ ହଜୁର ଅନଓ୍ୱର ଅ.ବ ଶ୍ରୀମାନ ମୁହମ୍ମଦ ଅଲ୍‌ମୁଖତାର ସାହେବ ମରାକଶ୍ ନିବାସୀ ଓ ଶ୍ରୀମତୀ ସୟଦାଃ ମଜିଦ୍ ସାହେବା ପତ୍ନୀ ଶେଖ୍ ଅବଦ୍ଦୁଲ୍ ମଜିଦ୍ ସାହେବ ଫୈସଲାବାଦ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ କ୍ଷମା ପ୍ରାର୍ଥନା କଲେ ତଥା ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରାପ୍ତି ନିମନ୍ତେ ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
27th August 2021